**ଭନୱାର ଲାଲ ଏବଂ ଅନ୍ୟଜଣେ**

**ବନାମ**

**ଆଞ୍ଚଳିକ ବନ୍ଦୋବସ୍ତ ଆୟୁକ୍ତ ଜୟପୁର, ତଥା ବାସହରା ସମ୍ପତ୍ତି ତତ୍ତ୍ୱାବଧାରକ ଏବଂ ଅନ୍ୟମାନେ**

*ମେ 6,1965*

[କେ. ସୁବ୍ବା ରାଓ, ରଘୁବର ଦୟାଲ ଏବଂ ଆର. ଏସ. ବାଚାୱତ, ନ୍ୟାୟମୂର୍ତ୍ତିବୃନ୍ଦ]

*ବାସହରା ସମ୍ପତ୍ତି ପ୍ରଶାସନ ଅଧିନିୟମ, 1950 (31/1950)- ଧାରା 7 (1) ଅନୁଯାୟୀ ମୃତ ବନ୍ଧକଗ୍ରହିତାଙ୍କୁ ସୂଚନା -ଯଥେଷ୍ଟ କି-- କୌଣସି ପୃଥକ କାର୍ଯ୍ୟାନୁଷ୍ଠାନ ନାହିଁ-ତତ୍ତ୍ୱାବଧାରକଙ୍କ ଅଧିକାର ।*

ଆବେଦନକାରୀମାନଙ୍କ ପୂର୍ବସୂରୀମାନଙ୍କ ନାମ ଏକ ସମ୍ପତ୍ତି ସମ୍ବନ୍ଧରେ ଗ୍ରାମ ନଥିରେ ବନ୍ଧକ ଗ୍ରହୀତା ଭାବରେ ନଥିଭୁକ୍ତ କରାଯାଇଥିଲା, ଯାହା ପରେ ପାକିସ୍ତାନକୁ ପଳାୟନ କରିଥିବା ବ୍ୟକ୍ତିଙ୍କ ମାଲିକାନାରେ ଥିଲା । ବାସହରା ସମ୍ପତ୍ତି ପ୍ରଶାସନ ଅଧିନିୟମ, 1950 ଧାରା 7(1) ଅନୁଯାୟୀ ବାସହରା ସମ୍ପତ୍ତି ତତ୍ତ୍ୱାବଧାରକ ଏହା ଉଲ୍ଲେଖ କରି ଏହି ବ୍ୟକ୍ତିମାନଙ୍କୁ ଏବଂ ଆବେଦନକାରୀମାନଙ୍କ ପୂର୍ବସୂରୀମାନଙ୍କୁ ଏକ ସୂଚନା ଜାରି କଲେ ଯେ ଆବେଦନକାରୀମାନଙ୍କ ପୂର୍ବସୂରୀମାନେ ଉକ୍ତ ସମ୍ପତ୍ତିର ବେଆଇନ ଦଖଲରେ ଥିଲେ ଏବଂ କାହିଁକି ଉକ୍ତ ସମ୍ପତ୍ତିକୁ ବାସହରା ସମ୍ପତ୍ତି ବୋଲି ଘୋଷଣା କରା ନ ଯିବ ତାହା ନିମିତ୍ତ ଏକ କାରଣ ଦର୍ଶାନ୍ତୁ ବୋଲି ମଧ୍ୟ ସୂଚିତ କଲେ । ଏହି ସୂଚନା ଟି କୁ ଗ୍ରାମର ଏକ ଆଖି ଦୃଷ୍ଟିଆ ସ୍ଥାନରେ ଲଗାଗଲା । ସୂଚନା ଜାରି ହେବାର ବହୁ ପୂର୍ବରୁ ମୃତ୍ୟୁବରଣ କରିଥିବା ଆବେଦନକାରୀଙ୍କ ପୂର୍ବସୂରୀଙ୍କ ଉପରେ ଏହା ଜାରି କରାଯାଇ ପାରିଲା ନାହିଁ । ଯେହେତୁ କୌଣସି ଆପତ୍ତି ଦାଖଲ କରାଗଲା ନାହିଁ , ତତ୍ତ୍ୱାବଧାରକ ଏହି ସମ୍ପତ୍ତିକୁ ବାସହରା ସମ୍ପତ୍ତି ବୋଲି ଘୋଷଣା କଲେ । ବାସହରା ସ୍ୱାର୍ଥ (ପୃଥକୀକରଣ) ଅଧିନିୟମ ଅନୁଯାୟୀ ବାସହରାମାନଙ୍କ ସ୍ୱାର୍ଥକୁ ବନ୍ଧକଗ୍ରହୀତାମାନଙ୍କ ସ୍ୱାର୍ଥରୁ ଅଲଗା କରିବା ପାଇଁ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ଗଲାନାହିଁ । ଆବେଦନକାରୀମାନେ ଉଚ୍ଚ ନ୍ୟାୟାଳୟରେ ଏକ ଆଜ୍ଞାଦେଶ ଆବେଦନ ଦାଖଲ କରି ସମ୍ପତ୍ତିକୁ ବାସହରା ସମ୍ପତ୍ତି ଭାବରେ ଘୋଷଣା କରିଥିବା ପରବର୍ତ୍ତୀ ଆଦେଶ ରଦ୍ଦ କରିବା ଏବଂ ସେମାନଙ୍କ ଦଖଲରେ ହସ୍ତକ୍ଷେପ କରିବାରୁ ଉତ୍ତରଦାତାଙ୍କୁ ଓହରି ଯିବା ନିମିତ୍ତ ଆବେଦନ କଲେ । ଉଚ୍ଚ ନ୍ୟାୟାଳୟ ଏହି ଆବେଦନକୁ ଖାରଜ କରି କହିଛନ୍ତି ଯେ

ଆବେଦନକାରୀଙ୍କ ପୂର୍ବସୁରୀମାନଙ୍କୁ ସୂଚନା ଜାରି କରିବା ଅଧିନିୟମର ଧାରା 7 (1) ଅନୁଯାୟୀ ଯଥେଷ୍ଟ ଅନୁପାଳନ ଥିଲା ।

ଏହି ନ୍ୟାୟାଳୟରେ ଆବେଦନରେ ନିର୍ଣ୍ଣୟ ନିଆଗଲା ଯେ ତତ୍ତ୍ୱାବଧାରକ ତାଙ୍କ ପାଖରେ ଉପଲବ୍ଧ ସୂଚନା ଆଧାରରେ କୌଣସି ସମ୍ପତ୍ତି ବାସହରା ସମ୍ପତ୍ତି ହେବା ବିଷୟରେ ନିଜର ମତ ପ୍ରସ୍ତୁତ କରିପାରିବେ ଏବଂ ଏହିପରି ସୂଚନା ଆଧାରରେ ଆଗ୍ରହୀ ବ୍ୟକ୍ତିଙ୍କୁ ମଧ୍ୟ ସୂଚନା ଜାରି କରିପାରିବେ । କଥିତ ବାସହରା ସମ୍ପତ୍ତିରେ ଆଗ୍ରହୀ ବ୍ୟକ୍ତିଙ୍କ ଉପରେ ସେ ଏକ ସାଧାରଣ ତଦନ୍ତ କରିବେ ବୋଲି ଆଶା କରାଯାଏ ନାହିଁ । ଅନ୍ୟ କୌଣସି ସ୍ଥାନରେ ରହୁଥିବା ଆବେଦନକାରୀମାନଙ୍କ ପୂର୍ବସୂରୀମାନଙ୍କୁ ସୂଚନା ଦେବା ପାଇଁ ସେ ଅଧିନିୟମର ଧାରା 7 (1) ର ଆବଶ୍ୟକତାକୁ ପାଳନ କରିଥିଲେ ଏବଂ ଯାହାଙ୍କ ବିଷୟରେ ସେ ଜାଣି ପାରିନଥିଲେ ଯେ ସେମାନେ ଜୀବିତ ଅଛନ୍ତି କି ନାହିଁ ? ତେବେ ଏହି ସୂଚନା ପ୍ରଭାବହୀନ ଥିଲା ଏବଂ ଆବେଦନକାରୀମାନଙ୍କ ପୂର୍ବସୂରୀମାନେ ବହୁ ପୂର୍ବରୁ ମୃତ୍ୟୁବରଣ କରିଥିବାରୁ ଏହା ଉତ୍ତମ ନଥିଲା ।

*ଅବଦୁଲ୍ ହକିମ ଖାନ୍ ବନାମ ଆଞ୍ଚଳିକ ବନ୍ଦୋବସ୍ତ ଆୟୁକ୍ତ [1962] 1 S.C.R. 531, ମାମଲାକୁ ଅନୁସରଣ କରାଗଲା ।*

ଆବେଦନକାରୀମାନେ ଯଦି ସେମାନଙ୍କ ମଧ୍ୟରୁ କେହି ବନ୍ଧକ ଗ୍ରହୀତା ଭାବରେ ଥାନ୍ତି, ତେବେ ଆକ୍ଷେପିତ ଆଦେଶ ସେମାନଙ୍କ ଅଧିକାରକୁ ପ୍ରଭାବିତ କରିନଥିଲା । ତେଣୁ ଆବେଦନକାରୀମାନଙ୍କୁ ସୂଚନା ଜାରି ନକରିବାରେ କୌଣସି ଫଳ ହାସଲ ହୋଇନଥିଲା କାରଣ ପରବର୍ତ୍ତୀ ସମୟରେ ସେମାନଙ୍କୁ ସୂଚନା ଜାରି ନକରି ପାରିତ ହୋଇଥିବା ଆଦେଶ ସେମାନଙ୍କ ସ୍ୱାର୍ଥକୁ ପ୍ରଭାବିତ କରିନଥିଲା । ପରବର୍ତ୍ତୀ ଆଦେଶ ଅନୁଯାୟୀ, ସମ୍ପତ୍ତି ମକଦ୍ଦମାରେ ଥିବା ବାସହରାମାନଙ୍କର ଅଧିକାର ତତ୍ତ୍ୱାବଧାରକଙ୍କ ଉପରେ ନ୍ୟସ୍ତ ଥିଲା ଏବଂ ସେହି ଅଧିକାର ଗୁଡିକ ବନ୍ଧକ ମୋଚନ ଅଧିକାର ଗୁଡିକର ସମୂହ ଥିଲା । ଏହାର ଅର୍ଥ ହେଉଛି ଯେ ଆବେଦନକାରୀମାନଙ୍କ ବନ୍ଧକ ଗ୍ରହୀତା ଅଧିକାର, ଯଦି କିଛି ଥାଏ, ତେବେ ସେଗୁଡିକ ତତ୍ତ୍ୱାବଧାରକଙ୍କ ଅଧୀନରେ ଥିଲା ।

ଯେପର୍ଯ୍ୟନ୍ତ ବାସହରା ସ୍ୱାର୍ଥ (ପୃଥକୀକରଣ) ଅଧିନୟମ ଅନୁଯାୟୀ ବାସହରା ଏବଂ ଆବେଦନକାରୀମାନେ ଯେଉଁମାନେ ବନ୍ଧକଗ୍ରହୀତା ବୋଲି ଦାବି କରୁଥିଲେ, ସେମାନଙ୍କ ସ୍ୱାର୍ଥକୁ ପୃଥକ କରିବା ନିମିତ୍ତ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା, ସେପର୍ଯ୍ୟନ୍ତ ତତ୍ତ୍ୱାବଧାରକ,

ଆବେଦନକାରୀ କିମ୍ବା ସେମାନଙ୍କ ଭଡ଼ାଟିଆଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିନଥିଲେ, ଯେଉଁମାନଙ୍କୁ ମକଦ୍ଦମାରେ ଥିବା ସମ୍ପତ୍ତିର ଅଧିକାରୀ ବୋଲି କୁହାଯାଉଥିଲା ।

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 244/1965 ।

ରାଜସ୍ଥାନ ଉଚ୍ଚ ନ୍ୟାୟାଳୟଙ୍କର, D.B. ଆଜ୍ଞାଦେଶ ଆବେଦନ ସଂଖ୍ୟା 192/1960 ରେ ତାରିଖ ଏପ୍ରିଲ୍ 7, 1964 ର ରାୟ ଏବଂ ଆଦେଶରୁ ସ୍ୱତନ୍ତ୍ର ଆବେଦନ ଦ୍ୱାରା ବର୍ତ୍ତମାନର ଏହି ଆବେଦନ ।

*ଆବେଦନକାରୀମାନଙ୍କ ପାଇଁ ବି. ଆର୍. ଏଲ୍. ଆୟଙ୍ଗର, ଏସ୍. କେ. ମେହେତା ଏବଂ* କେ. ଏଲ୍. ମେହେତା ।

*ଉତ୍ତରଦାତା ସଂଖ୍ୟା 1 ଙ୍କ ପାଇଁ ଡି. ଆର.* ପ୍ରେମ ଏବଂ ବି. ଆର. ଜି. କେ. ଆଚାର ।

**ନ୍ୟାୟମୂର୍ତ୍ତି ରଘୁବର ଦୟାଲଙ୍କ** ଦ୍ୱାରା ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଗଲା । ଇବ୍ରାହିମ୍ ଏବଂ ଖୁର୍ଶିଦ, ଦୁଇ ଭାଇ, ଯେଉଁମାନେ ପାନେହ ଅଲ୍ଲୀଙ୍କ ପୁଅ ଥିଲେ , ଇସାକ ଏବଂ ବାଗଗୁ, ଯେଉଁମାନେ ଜାୱାୱେଙ୍କ ପୁଅ ଥିଲେ , ଏହିମାନେ ହନୁମାନଗଡ଼ ତହସିଲ ଅନ୍ତର୍ଗତ ଆଲିପୁର ଗ୍ରାମରେ 20 ବିଘା ମାପର ଖସଡା ସଂଖ୍ୟା 26ରେ ମାଲିକ ଥିଲେ । ସେମାନେ ପାକିସ୍ତାନକୁ ପଳାୟନ କଲେ । ହନୁମାନଗଡ଼ର ବାସହରା ସମ୍ପତ୍ତିର ସହକାରୀ ତତ୍ତ୍ୱାବଧାରକ ବାସହରା ସମ୍ପତ୍ତି ପ୍ରଶାସନ ଅଧିନିୟମ, 1950 ( ଅଧିନିୟମ XXXI /1950 ) ଯାହାକୁ ଏବେଠାରୁ ଅଧିନିୟମ ବୋଲି କୁହାଯିବ ତାହାର ଧାରା 7 (1) ଅନୁଯାୟୀ ଏହି ବ୍ୟକ୍ତିମାନଙ୍କୁ ସୂଚନା ଜାରି କଲେ ଏବଂ ତାହା ସହିତ ଚୁନିଙ୍କର ପୁତ୍ର ହଜାରି ଏବଂ କାନାଙ୍କର ପୁତ୍ର ମାଘାଙ୍କୁ ମଧ୍ୟ ଏହା ଉଲ୍ଲେଖ କରି ସୂଚନା ଜାରି କଲେ ଯେ ଇବ୍ରାହିମ ଏବଂ ଅନ୍ୟମାନେ ପକିସ୍ତାନକୁ ଚାଲିଯାଇଥିଲେ ଏବଂ ହଜାରି ଏବଂ ମାଘା ଉକ୍ତ ଜମିର ବେଆଇନ ଦଖଲରେ ଥିଲେ । ସେମାନେ ସମସ୍ତେ କାରଣ ଦର୍ଶାଇବା ଆବଶ୍ୟକ ଥିଲା ଯେ କାହିଁକି ଜମିକୁ ବାସହରା ସମ୍ପତ୍ତି ବୋଲି ଘୋଷଣା କରାଯିବ ନାହିଁ । ଆଲିପୁର ଗାଁର ଏକ ଆଖି ଦୃଷ୍ଟିଆ ସ୍ଥାନରେ ଉକ୍ତ ସୂଚନା ଟିକୁ ଲଗାଗଲା ।1955 ମସିହାରେ ସୂଚନା ଜାରି ହେବାର ବହୁ ପୂର୍ବରୁ ହଜାରି ଏବଂ ମାଘାଙ୍କ ଦେହାନ୍ତ ହୋଇଯାଇଥିବାରୁ ସେମାନଙ୍କୁ ସୂଚନା ଜାରି କରାଯାଇପାରିନଥିଲା ।

କୌଣସି ଆପତ୍ତି ଦାଖଲ କରାଗଲା ନାହିଁ ଏବଂ ଏପ୍ରିଲ 7,1955 ରେ ସହକାରୀ ତତ୍ତ୍ୱାବଧାରକ ଇବ୍ରାହିମ୍, ଖୁର୍ଶିଦ, ଇସାକ୍ ଏବଂ ବାଗଗୁଙ୍କୁ ବାସହରା ବୋଲି ଏବଂ ଉପରୋକ୍ତ ସମ୍ପତ୍ତି ବାସହରା ସମ୍ପତ୍ତି ବୋଲି ଘୋଷଣା କଲେ । ହଜାରିଙ୍କ ପୁଅ ଭନ୍ୱାର ଲାଲ ଏବଂ ମାଘାଙ୍କ ନାତି ରତି ରାମ, 1955 ମସିହା ଏପ୍ରିଲ 7 ତାରିଖର ଆଦେଶ ରଦ୍ଦ କରିବା ଏବଂ ଜୟପୁରର ଆଞ୍ଚଳିକ ବନ୍ଦୋବସ୍ତ ଆୟୁକ୍ତ, ଗଙ୍ଗାନଗରର ବାସହରା ସମ୍ପତ୍ତିର ପରିଚାଳକ, ହନୁମାନଗଡର ତହସିଲଦାର ଙ୍କୁ ସେମାନଙ୍କର ଉକ୍ତ ସମ୍ପତ୍ତିରେ ଦଖଲରେ ହସ୍ତକ୍ଷେପ କରିବାରୁ ଓହରି ଯିବା ନିମିତ୍ତ ରାଜସ୍ଥାନ ଉଚ୍ଚ ନ୍ୟାୟାଳୟ ରେ ସମ୍ବିଧାନର ଅନୁଚ୍ଛେଦ 226 ଅନୁଯାୟୀ ଏକ ଆଜ୍ଞାଦେଶ ଆବେଦନ ଦାଖଲ କଲେ । ସେମାନେ ଏହି ଆଧାରରେ ଅଭିଯୋଗ କଲେ ଯେ ଇବ୍ରାହିମ ଏବଂ ଖୁର୍ଶିଦଙ୍କ ପିତା ପାନେହ ମହମ୍ମଦ ନାମକ ଜଣେ ବ୍ୟକ୍ତି 1931 ମସିହାରେ ଏହି ସମ୍ପତ୍ତିକୁ ହଜାରି ଏବଂ ମାଘାଙ୍କ ପାଖରେ ବନ୍ଧକ ରଖିଥିଲେ, ବନ୍ଧକଗ୍ରହୀତାମାନେ ଏହି ସମ୍ପତ୍ତିର ଦଖଲରେ ଥିଲେ, ସହକାରୀ ତତ୍ତ୍ୱାବଧାରକଙ୍କ ଦ୍ୱାରା ନିଆଯାଇଥିବା କାର୍ଯ୍ୟାନୁଷ୍ଠାନଗୁଡିକ ବିଷୟରେ ସେମାନେ କୌଣସି ସୂଚନା ପାଇ ନଥିଲେ ଏବଂ 1959 ମସିହାରେ ମକଦ୍ଦମାରେ ଥିବା ଉକ୍ତ ଜମିରେ ସେମାନଙ୍କ ଭଡ଼ାଟିଆମାନଙ୍କ ଦ୍ୱାରା ସହକାରୀ ତତ୍ତ୍ୱାବଧାରକଙ୍କ ସୂଚନା ପାଇଥିଲେ ଯେତେବେଳେ ଉକ୍ତ ଜମିର ଆବଣ୍ଟନ ଗ୍ରହୀତାମାନେ ଦଖଲକୁ ଉଚ୍ଛେଦ କରିବା ପାଇଁ ପଦକ୍ଷେପ ନେଉଥିଲେ ।

ଜମିର ଆବଣ୍ଟନଗ୍ରହୀତାମାନେ ଅଧିକାର ପୁନରୁଦ୍ଧାର ପାଇଁ ପଦକ୍ଷେପ ନେଉଥିବା ସମୟରେ ଭୂମିରେ ଏକ ମକଦ୍ଦମା।ଏହି ଆଜ୍ଞାଦେଶ ଆବେଦନକୁ ଉଚ୍ଚ ନ୍ୟାୟାଳୟ ଖାରଜ କରିଦେଲେ, ଯାହା ଧରିନେଲେ ଯେ ହଜାରି ଏବଂ ମାଘାଙ୍କୁ ଜାରି ହୋଇଥିବା ସୂଚନା ଅଧିନିୟମର ଧାରା 7 ର ଉପ-ଧାରା (1) ର ଆବଶ୍ୟକତା ଗୁଡିକ ସହ ଯଥେଷ୍ଟ ରୂପେ ଅନୁପାଳିତ ହୋଇଥିଲା , କାରଣ ତତ୍ତ୍ୱାବଧାରକଙ୍କୁ କଥିତ ବାସହରାମାନଙ୍କର ସମ୍ପତ୍ତିରେ ଆଗ୍ରହୀ ଥିବା ବ୍ୟକ୍ତି ମାନଙ୍କ ସମ୍ବନ୍ଧରେ ପ୍ରାଥମିକ ତଦନ୍ତ କରିବାକୁ ପଡ଼ିନଥିଲା । ଏହି ଆଦେଶ ବିରୁଦ୍ଧରେ ଭନ୍ୱାର୍ ଲାଲ୍ ଏବଂ ରତି ରାମ୍ ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଆବେଦନ ଦାଖଲ କରିଥିଲେ ।

ଏହି ଅଧିନିୟମର ଧାରା 7 (1) ରେ କୁହାଯାଇଛି :

" ଯେଉଁ କ୍ଷେତ୍ରରେ ତତ୍ତ୍ୱାବଧାରକଙ୍କର ମତ ଥାଏ ଯେ କୌଣସି ସମ୍ପତ୍ତିକୁ ଏହି ଅଧିନିୟମର ଅର୍ଥ ମଧ୍ୟରେ ବାସହରା ସମ୍ପତ୍ତି ବୋଲି ଧରି ନିଆଯାଏ, ସେ ଏହାର ସୂଚନାକୁ ଏପରି ଢଙ୍ଗରେ ଜାରି କରିପାରିବେ ଯାହା ଆଗ୍ରହୀ ବ୍ୟକ୍ତିମାନଙ୍କ ପାଇଁ ନିର୍ଦ୍ଧାରିତ ହୋଇପାରେ,

ଏବଂ ମାମଲାର ପରିସ୍ଥିତି ଅନୁଯାୟୀ ଏହି ପ୍ରସଙ୍ଗରେ ଏପରି ତଦନ୍ତ କରିବା ପରେ, ଏପରି କୌଣସି ସମ୍ପତ୍ତିକୁ ବାସହରା ସମ୍ପତ୍ତି ବୋଲି ଘୋଷଣା କରିବା ନିମିତ୍ତ ଏକ ଆଦେଶ ପାରିତ କରିପାରିବେ ।

ତତ୍ତ୍ୱାବଧାରକ ତାଙ୍କ ପାଖରେ ଉପଲବ୍ଧ ସୂଚନା ଆଧାରରେ କୌଣସି ସମ୍ପତ୍ତି ବାସହରା ସମ୍ପତ୍ତି ହେବା ବିଷୟରେ ନିଜର ମତ ରଖିପାରିବେ । *ଅବଦୁଲ ହାକିମ ଖାନ ବନାମ ଆଞ୍ଚଳିକ ବନ୍ଦୋବସ୍ତ ଆୟୁକ୍ତ ମାମଲାରେ ( [1] )* ଏହା ଏପରି ଧରି ନିଆଗଲା । ତାଙ୍କ ପାଖରେ ଉପଲବ୍ଧ ସୂଚନା ଆଧାରରେ ସେ ଆଗ୍ରହୀ ବ୍ୟକ୍ତିମାନଙ୍କୁ ମଧ୍ୟ ସୂଚନା ଜାରି କରିପାରିବେ । କଥିତ ବାସହରା ସମ୍ପତ୍ତି ପ୍ରତି ଆଗ୍ରହୀ ବ୍ୟକ୍ତିଙ୍କ ଉପରେ ସେ ଏକ ସାଧାରଣ ତଦନ୍ତ କରିବେ ବୋଲି ଆଶା କରାଯାଏ ନାହିଁ । ବର୍ତ୍ତମାନର ମାମଲାରେ ଏହା ଜଣାପଡୁଛି ଯେ ଗ୍ରାମ ନଥିରେ, ମକଦ୍ଦମାରେ ଥିବା ଜମି ଯାହାକି କୃଷି ଭିତ୍ତିକ ଥିଲା ସେଥିରେ ହଜାରି ଏବଂ ମାଘାଙ୍କ ନାମ ବନ୍ଧକଗ୍ରହୀତା ଭାବରେ ନଥି ଭୁକ୍ତ ହୋଇଥିଲା ଏବଂ ସହକାରୀ ତତ୍ତ୍ୱାବଧରକ ସେମାନଙ୍କୁ ଏଥିରେ ଆଗ୍ରହୀ ବ୍ୟକ୍ତି ଭାବେ ବିବେଚନା କରି ପାରିଲେ । ଅନ୍ୟ କୌଣସି ସ୍ଥାନରେ ରହୁଥିବା ଏହି ବନ୍ଧକଗ୍ରହୀତାମାନେ ଜୀବିତ ଅଛନ୍ତି କି ନାହିଁ ସେ ବିଷୟରେ ସେ କୌଣସି ସୂଚନା ପାଇ ପାରିନଥାନ୍ତେ । ସେ ହଜାରି ଏବଂ ମାଘାଙ୍କୁ ସୂଚନା ଜାରି କରିବା ପାଇଁ ଧାରା 7 ର ଉପ-ଧାରା (1) ର ଆବଶ୍ୟକତାକୁ ପାଳନ କରିଥିଲେ । ତେବେ ଏହି ସୂଚନା ପ୍ରଭାବହୀନ ଥିଲା ଏବଂ ଉତ୍ତମ ନଥିଲା କାରଣ ହଜାରି ଏବଂ ମାଘା ବହୁ ପୂର୍ବରୁ ମୃତ୍ୟୁବରଣ କରିଥିଲେ । ଏହାପରେ ପ୍ରଶ୍ନ ଉଠିଲା ଯେ ଏହି ସୂଚନା ଆଧାରରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ବନ୍ଧକଗ୍ରହୀତାମାନଙ୍କ ସ୍ୱାର୍ଥକୁ ପ୍ରଭାବିତ କରିପାରେ କି ?

ଇବ୍ରାହିମ ଏବଂ ଅନ୍ୟମାନେ, ମକଦ୍ଦମାରେ ଥିବା ସମ୍ପତ୍ତି ଯାହା ବନ୍ଧକରେ ଥିଲା ସେଥିରେ ଥିବା ବାସହରା ମାନଙ୍କର ସ୍ୱାର୍ଥ, ସମ୍ପତ୍ତିରେ ଥିବା ବନ୍ଧକ ମୋଚନ ଅଧିକାର ଗୁଡିକର ସମୂହ ଥିଲା । ଏହା ଥିଲା ସେମାନଙ୍କର ସ୍ୱାର୍ଥ ଯାହାକୁ ବାସହରା ସମ୍ପତ୍ତି ବୋଲି ଘୋଷଣା କରାଯାଇ ପାରିଲା ଏବଂ ଉକ୍ତ ସମ୍ପତ୍ତିକୁ ବାସହରା ସମ୍ପତ୍ତି ବୋଲି ଘୋଷଣା କରି ସହକାରୀ ତତ୍ତ୍ୱାବଧାରକଙ୍କର ତାରିଖ ଏପ୍ରିଲ 7,1955 ର ଆଦେଶ ପ୍ରକୃତରେ ବାସହରା ମାନଙ୍କର ବନ୍ଧକ ମୋଚନ ଅଧିକାରରେ ଇବ୍ରାହିମ ଏବଂ ଅନ୍ୟମାନଙ୍କର ଅଧିକାରଗୁଡିକର ଏକ ଘୋଷଣା ଥିଲା । ଏହି ଆଦେଶ ବନ୍ଧକ ଗ୍ରହୀତା

---

( [1] ) [1962] 1 S . C . R 1531

ଅଧିକାରଗୁଡିକୁ ପ୍ରଭାବିତ କରିପାରିଲା ନାହିଁ କାରଣ ବନ୍ଧକ ଗ୍ରହୀତା ଅଧିକାରଗୁଡିକରେ ଇବ୍ରାହିମ୍ ଏବଂ ଅନ୍ୟମାନେମାନଙ୍କର କୌଣସି ସ୍ୱାର୍ଥ ନଥିଲା ।

ଏହା ଅନୁସରଣ କଲା ଯେ ଉକ୍ତ ଆକ୍ଷେପିତ ଆଦେଶ ବନ୍ଧକ ଗ୍ରହୀତା ଭାବରେ ଆବେଦନକାରୀମାନଙ୍କ ଅଧିକାରକୁ ପ୍ରଭାବିତ କରିବ ନାହିଁ । ତେଣୁ ଆବେଦନକାରୀମାନଙ୍କୁ ସୂଚନା ଜାରି ନକରିବା କୌଣସି ଫଳଦାୟକ ହେଲା ନାହିଁ କାରଣ ପରବର୍ତ୍ତୀ ସମୟରେ ସେମାନଙ୍କୁ ସୂଚନା ଜାରି ନକରି ପାରିତ ଆଦେଶ ସେମାନଙ୍କ ସ୍ୱାର୍ଥକୁ ପ୍ରଭାବିତ କଲା ନାହିଁ ।

ଏହି ସମ୍ବନ୍ଧରେ *ଅବଦୁଲ ହକିମ୍ ଖାନଙ୍କ ମାମଲାକୁ (1)* ପୁନର୍ବାର ଉଲ୍ଲେଖ କରାଯାଇପାରେ । ସେହି ମାମଲାରେ କେତେକ ବ୍ୟକ୍ତିମାନଙ୍କ ନିର୍ଦ୍ଦିଷ୍ଟ ସମ୍ପତ୍ତିରେ ଅଂଶ ଥିଲା । ସେମାନଙ୍କ ମଧ୍ୟରୁ କେତେକ ପାକିସ୍ତାନ ଚାଲିଯାଇଥିଲେ। ଧାରା 7 (1) ଅନୁଯାୟୀ ସେହି ବ୍ୟକ୍ତିମାନଙ୍କ ମଧ୍ୟରୁ ଜଣକୁ ସୂଚନା ଜାରି କରାଯାଇଥିଲା ଯେଉଁମାନେ ପାକିସ୍ତାନକୁ ଚାଲି ଯାଇଥିଲେ । ଯେଉଁମାନେ ସ୍ଥାନାନ୍ତର ହୋଇଥିଲେ ସେମାନଙ୍କ ସମ୍ପତ୍ତିକୁ ତତ୍ତ୍ୱାବଧାରକ ବାସହରା ସମ୍ପତ୍ତି ବୋଲି ଘୋଷଣା କରିଥିଲେ ଏବଂ ସମ୍ପତ୍ତିରେ ସେମାନଙ୍କର ଅଂଶ ନିର୍ଦ୍ଦିଷ୍ଟ କରିଥିଲେ । ସୂଚନା ଜାରି କରାଯାଇଥିବା ବ୍ୟକ୍ତିଙ୍କ ବ୍ୟତୀତ ଅନ୍ୟ ଅଂଶୀଦାରମାନେ, ବାସହରା ସ୍ୱାର୍ଥ (ପୃଥକୀକରଣ) ଅଧିନିୟମ, 1951 (ଅଧିନିୟମ LXIV /1951) ର ଧାରା 11 ଅନୁଯାୟୀ ପାରିତ ଆଦେଶର ବୈଧତାକୁ ଆପତ୍ତି କରି ସମଗ୍ର ସମ୍ପତ୍ତିକୁ ତତ୍ତ୍ୱାବଧାରକଙ୍କ ଉପରେ ନ୍ୟସ୍ତ କରିଥିଲେ । ଏହି ନ୍ୟାୟାଳୟ ଧରି ନେଲେ ଯେ ଅବରୋହୀମାନେ ଅଧିନିୟମର ଧାରା 7 ଅନୁଯାୟୀ ଏହି ଆଦେଶର ବୈଧତାକୁ ଆପତ୍ତି କରି ପାରିନଥିଲେ କାରଣ ଏହା ସମ୍ପତ୍ତିରେ ସେମାନଙ୍କର ଅଧିକାରକୁ ପ୍ରଭାବିତ କରି ନଥିଲା । ତଦନୁଯାୟୀ ଏହା କୁହାଯାଇପାରିବ ନାହିଁ ଯେ ଏହି ମାମଲାରେ ଥିବା ଆବେଦନକାରୀମାନେ ସହକାରୀ ତତ୍ତ୍ୱାବଧାରକଙ୍କ ଦ୍ୱାରା ଜାରି କରାଯାଇଥିବା ସୂଚନା ଏବଂ ସହକାରୀ ତତ୍ତ୍ୱାବଧାରକଙ୍କ ଆଦେଶ ଯାହା ମକଦ୍ଦମାରେ ଥିବା ସମ୍ପତ୍ତିକୁ ବାସହରା ସମ୍ପତ୍ତି ବୋଲି ଘୋଷଣାକଲା ଯାହା ଆବେଦନକାରୀମାନଙ୍କ ବନ୍ଧକଗ୍ରହୀତା ଅଧିକାର ଗୁଡିକୁ ପ୍ରଭାବିତ କରିବ ନାହିଁ ବୋଲି ତାହାର ବୈଧତାକୁ ଆପତ୍ତି କରି ପାରିବେ ନାହିଁ ।

ତାରିଖ ଏପ୍ରିଲ 7,1955 ର ଆଦେଶ ଅନୁଯାୟୀ, ତତ୍ତ୍ୱାବଧାରକଙ୍କ ଅଧୀନରେ, ମକଦ୍ଦମାରେ ଥିବା ସମ୍ପତ୍ତିରେ ବାସହରାମାନଙ୍କର ଏହି ଅଧିକାର ଗୁଡିକ ଏବଂ ପୂର୍ବରୁ ଉଲ୍ଲେଖ

---

( 1 ) [1962] 1 S.C.R 531

କରାଯାଇଥିବା ଅଧିକାର ଗୁଡିକ ବନ୍ଧକ ମୋଚନ ଅଧିକାର ଗୁଡିକର ସମୂହ ଅଟନ୍ତି । ଏହାର ଅର୍ଥ ହେଉଛି ଯେ ଆବେଦନକାରୀମାନଙ୍କର ବନ୍ଧକ ଗ୍ରହୀତା ଅଧିକାର, ଯଦି କିଛି ଥାଏ, ତଦନୁଯାୟୀ ତତ୍ତ୍ୱାବଧାରକ ସମ୍ପତ୍ତି ଧାରଣ କରନ୍ତି ।

ଉତ୍ତରଦାତାମାନଙ୍କ ପକ୍ଷରୁ ହାଜର ହୋଇ ଶ୍ରୀ ପ୍ରେମ ସ୍ୱୀକାର କରିଛନ୍ତି ଯେ ବାସହରା ସ୍ୱାର୍ଥ (ପୃଥକୀକରଣ) ଅଧିନିୟମ, 1951 ଅନୁଯାୟୀ ଏଠାରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ । ଏହି ଅଧିନିୟମର ଧାରା 10 କୌଣସି ମିଳିତ ସମ୍ପତ୍ତିରେ ଦାବିଦାରଙ୍କ ଠାରୁ ବାସହରାମାନଙ୍କ ସ୍ୱାର୍ଥକୁ ଅଲଗା କରିବା ଉଦ୍ଦେଶ୍ୟରେ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ନେବାକୁ ସକ୍ଷମ ଅଧିକାରୀଙ୍କୁ କ୍ଷମତା ପ୍ରଦାନ କରେ, ଯାହାର ଅର୍ଥ, ଅନ୍ୟ ବିଷୟଗୁଡ଼ିକ ମଧ୍ୟରେ କୌଣସି ସମ୍ପତ୍ତି ଯାହା କିମ୍ବା ଯେଉଁଥିରେ ଏକ ସ୍ୱାର୍ଥକୁ ବାସହରା ସମ୍ପତ୍ତି ବୋଲି ଘୋଷଣା କରାଯାଇଛି କିମ୍ବା ଅଧିନିୟମ ଅନୁଯାୟୀ ତତ୍ତ୍ୱାବଧାରକଙ୍କ ଉପରେ ନ୍ୟସ୍ତ ହୋଇଛି ଏବଂ ଯେଉଁଥିରେ ବାସହରାମାନଙ୍କର ସ୍ୱାର୍ଥ କୌଣସି ରୂପରେ ବନ୍ଧକ ରଖିବା ବିଷୟ ଅଟେ, ଯାହା ଜଣେ ବାସହରା ହୋଇ ନ ଥିବା ବ୍ୟକ୍ତିଙ୍କ ସପକ୍ଷରେ ହୋଇପାରେ । ବାସହରା ଏବଂ ମିଳିତ ସମ୍ପତ୍ତିରେ ଦାବିଦାରମାନଙ୍କ ସ୍ୱାର୍ଥକୁ ପୃଥକ କରିବା ପରେ ହିଁ ବାସହରାମାନଙ୍କ ସ୍ୱାର୍ଥ ସମସ୍ତ ବାଧାରୁ ମୁକ୍ତ ହୋଇ ତତ୍ତ୍ୱାବଧାରକ ଙ୍କ ଉପରେ ନ୍ୟସ୍ତ ହୋଇଥାଏ । ଏହା ଅନୁସରଣ କରେ ଯେ ଯେପର୍ଯ୍ୟନ୍ତ ବାସହରାମାନଙ୍କ ସ୍ୱାର୍ଥ ଏବଂ ବନ୍ଧକ ଗ୍ରହୀତା ବୋଲି ଦାବି କରୁଥିବା ଆବେଦନକାରୀମାନଙ୍କ ସ୍ୱାର୍ଥକୁ ପୃଥକ କରିବା ପାଇଁ ବାସହରା ସ୍ୱାର୍ଥ ପୃଥକୀକରଣ ଅଧିନିୟମ ଅନୁଯାୟୀ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଏ ନାହିଁ, ସେ ପର୍ଯ୍ୟନ୍ତ ତତ୍ତ୍ୱାବଧାରକ ଆବେଦନକାରୀ କିମ୍ବା ସେମାନଙ୍କ ଭଡ଼ାଟିଆମାନେ ଯେଉଁମାନେ ମକଦ୍ଦମାରେ ଥିବା ସମ୍ପତ୍ତିର ଦଖଲରେ ଅଛନ୍ତି ବୋଲି କୁହାଯାଏ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ ନାହିଁ ।

ତା 'ପରେ ଫଳାଫଳ ହେଉଛି ଯେ ଆମେ ଆବେଦନକୁ ଖାରଜ କଲୁ ଏବଂ ତାରିଖ ଏପ୍ରିଲ୍ 7,1955 ରେ ସହକାରୀ ତତ୍ତ୍ୱାବଧାରକଙ୍କ ଆଦେଶର ବୈଧତା ସମ୍ବନ୍ଧରେ ନିମ୍ନ ନ୍ୟାୟାଳୟଙ୍କର ଆଦେଶକୁ ନିଶ୍ଚିତ କଲୁ । ଆଞ୍ଚଳିକବନ୍ଦୋବସ୍ତ ଆୟୁକ୍ତ ଏବଂ ଅନ୍ୟମାନେ, ଉତ୍ତରଦାତା ସଂଖ୍ୟା 1 ରୁ 3, ଆବେଦନକାରୀ କିମ୍ବା ସେମାନଙ୍କ ଭଡ଼ାଟିଆଙ୍କ ଦଖଲରେ ହସ୍ତକ୍ଷେପ କରିବାରୁ ଓହରି ଯିବା ନିମିତ୍ତ ନିବେଦନ ସମ୍ବନ୍ଧରେ ଆମେ ଆବେଦନକୁ ଅନୁମତି ଦେଲୁ। ଆମେ ପକ୍ଷମାନଙ୍କୁ ସେମାନଙ୍କ ଏହି ମାମଲାରେ ସମସ୍ତ ଖର୍ଚ୍ଚ ବହନ କରିବାକୁ ଆଦେଶ ଦେଲୁ ।

*ଆଂଶିକ ଭାବେ ଆବେଦନକୁ ଅନୁମତି ଦିଆଗଲା ।*

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
ତୁଷାର କାନ୍ତ ଗୋଛି
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।